ଓଡ଼ିଶା ସରକାର

## ଜଂଗଲ ଓ ପରିବେଶ ବିଭାଗ

# ସଂକଳ୍ପ

*ସଂଖ୍ୟା - ୨୨୧୮୦/ଜପ, ଭୁବନେଶ୍ୱର ତାଂ୩୦-୯-୧୯୯୬*

**ବିଷୟ -** ଜଙ୍ଗଲ ନିକଟସ୍ଥ ଗ୍ରାମବାସୀମାନଙ୍କୁ ଜଙ୍ଗଲର ରକ୍ଷଣା ବେକ୍ଷଣ ପାଇଁ ଉତ୍ସାହ ପ୍ରଦାନ ଓ ଜଙ୍ଗଲର ରକ୍ଷଣା ବେକ୍ଷଣ କରୁଥିବା ଗ୍ରାମବାସୀମାନଙ୍କୁ ଜଙ୍ଗଲ ଜାତ ଦ୍ରବ୍ୟ ବ୍ୟବହାରର ଅଧିକାର ପ୍ରଦାନ ।

ଆମ ରାଜ୍ୟରେ ଜଂଗଲର ସୁରକ୍ଷା ଓ ଉଜୁଡ଼ା ଜଂଗଲର ପୁନରୁଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଗ୍ରାମବାସୀଙ୍କୁ ଅଂଶଦାର ରୂପେ ସଂଶ୍ଳିଷ୍ଟ କରିବାକୁ ବନ ପରିଚାଳନାର ଆଭିମୁଖ୍ୟ ରୂପେ ଗ୍ରହଣ କରାଯାଇଅଛି । ତେବେ ଗ୍ରାମବାସୀଙ୍କର ଜଂଗଲଜାତ ଦ୍ରବ୍ୟ ଉପରେ ଅନିଶ୍ଚିତ ଭୋଗଦଖଲ ସ୍ୱତ୍ୱ କାରଣରୁ ଏ ଦିଗରେ ରାଜ୍ୟର ସବୁ ଅଂଚଳରେ ଅଗ୍ରଗତି ଆଶାନୁରୂପ ହୋଇପାରିନାହିଁ । ଜଂଗଲର ଅବକ୍ଷୟରୋକିବା ପାଇଁ ଗ୍ରାମବାସୀଙ୍କର ସକ୍ରିୟ ସହଯୋଗ ପାଇବାକୁ ହେଲେ ରାଜ୍ୟରେ ଯେଉଁସବୁ ଗ୍ରାମ ଜଙ୍ଗଲକୁ ଲାଗିକରି ଅବସ୍ଥିତ କେବେଳ ସେହି ସବୁ ଗ୍ରାମବାସୀଙ୍କୁ ସ୍ଥାନୀୟ ଜଂଗଲର ଜଂଗଲଜାତ ସାମଗ୍ରୀ ଉପରେ ନିର୍ଦ୍ଦିଷ୍ଟ ସ୍ୱତ୍ୱ ଦିଆଯିବା ଦରକାର । ଏ ବିଷୟରେ ସବିଶେଷ ବିଚାର ଓ ଅନୁଧ୍ୟାନ ପରେ ସରକାର ନିଷ୍ପତ୍ତି କରିଛନ୍ତି ଯେ, ଜଂଗଲ ଉପରେ ଏପରି ଅଧିକାର କେବଳ ଜଂଗଲ-ସଂଲଗ୍ନ ଗ୍ରାମର ଗ୍ରାମବାସୀଙ୍କୁ ଦିଆଯିବ ଓ ଏଥିପାଇଁ ଗ୍ରାମବାସୀଙ୍କୁ ବନ ସଂରକ୍ଷଣ ସମିତି ଗଠନ କରିବାକୁ ପଡ଼ିବ । ଏଭଳି ଅଧିକାର ପ୍ରଦାନ କାର୍ଯ୍ୟକାରୀ କରିବାପାଇଁ ଜଂଗଲ ପରିଚାଳନାକୁ ଗ୍ରାମଭିତ୍ତିକ କରିବାକୁ ହେବ ଓ ଗ୍ରାମକୁ ଜଂଗଲ ପରିଚାଳନାର ମୌଳିକ ସୋପାନ ରୂପେ ଧରିବାକୁ ହେବ । ଉଜୁଡ଼ା ଜଂଗଲ ସମେତ ସବୁ ପ୍ରକାର ଜଂଗଲ ଗ୍ରାମବାସୀଙ୍କ ସହଯୋଗରେ ସୁରକ୍ଷା କରାଯିବ ଏବଂ ଏପରି ସୁରକ୍ଷା ବଦଳରେ ଗ୍ରାମବାସୀ ତାଙ୍କର ନିଜର ଆବଶ୍ୟକତା ପାଇଁ ଉକ୍ତ ଜଂଗଲରୁ ବନଜାତ ସାମଗ୍ରୀ ନେବାପାଇଁ ହକଦାର ହେବେ । କୌଣସି ଗ୍ରାମର ଅଧିବାସୀ କେବଳ ସେହି ଗ୍ରାମର ପରିସୀମା ଭିତରେ ଥିବା ଜଂଗଲ ଅଞ୍ଚଳ କିମ୍ବା ସେହି ଗ୍ରାମ ପାଇଁ ଘୋଷିତ ଗ୍ରାମ୍ୟ ଜଂଗଲ ଉପରେ ସାମୂହିକ ଭାବରେ ଅଧିକାର ସାବ୍ୟସ୍ତ କରି ପାରିବେ । କୌଣସି ଜଂଗଲ ଉପରେ ନିୟନ୍ତ୍ରଣ ଓ ତାହାର ପରିଚାଳନାର ଅଧିକାର ଗୋଟିଏ ନିର୍ଦ୍ଦିଷ୍ଟ ଗ୍ରାମଗୋଷ୍ଠୀକୁ ଦେବାକୁ ହେଲେ ସେହି ଜଂଗଲକୁ ଗ୍ରାମ୍ୟ ଜଂଗଲ (Village Forest) ଘୋଷଣା କରିବାକୁ ହେବ । ଏପରି ଘୋଷିତ ଗ୍ରାମ୍ୟ ଜଂଗଲରୁ ଜଂଗଲଜାତ ସାମଗ୍ରୀ ସଂଗ୍ରହ କରିବାର ସାମୂହିକ ଅଧିକାର କେବଳ ନିର୍ଦ୍ଦିଷ୍ଟ ପାର୍ଶ୍ୱବର୍ତ୍ତୀ ଗ୍ରାମର ଗ୍ରାମବାସୀଙ୍କୁ ଅର୍ପଣ କରାଯିବ ଓ ସ୍ଥାନୀୟ ବନ ବିଭାଗୀୟ ଅଧିକାରୀ ଏପରି ଜଂଗଲରୁ ଆଖପାଖ ଅନ୍ୟାନ୍ୟ ଗ୍ରାମର ଲୋକଙ୍କୁ ଜାଳକାଠ ଆଦି ଜଂଗଲଜାତ ସାମଗ୍ରୀ ସଂଗ୍ରହ କରିବାକୁ ଅନୁମତି ଦେବେ ନାହିଁ ।

ଗ୍ରାମ ଗୋଷ୍ଠୀକୁ ସାମୂହିକ ଭାବେ ଯେଉଁ ଅଧିକାର ପ୍ରଦାନ କରାଯିବ ତାହାର ପରିସର ନିମ୍ନମତେ ହେବ ।

(କ) ଯେଉଁ ଗ୍ରାମଗୋଷ୍ଠୀ ସାମାଜିକ ବନୀକରଣ ଯୋଜନାରେ ଗଢ଼ି ଉଠିଥିବା ଗ୍ରାମ୍ୟ ଜଂଗଲର ରୋପଣ, ପୁନରୁଦ୍ଧାର, ରକ୍ଷଣାବେକ୍ଷଣ ଓ ସୁରକ୍ଷାରେ ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି କିମ୍ବା ତାଂଙ୍କ ଗାଁକୁ ଲାଗି ରହିଥିବା ବା ଗାଁର ସୀମା ମଧ୍ୟରେ ଅବସ୍ଥିତ ଜଂଗଲ ଅଂଚଳକୁ କିଛି ବର୍ଷ ଧରି ମିଳିତ ଭାବରେ ସୁରକ୍ଷା କରିଆସୁଛନ୍ତି, ତାଂକ ଉପରେ ସେହି ଜଂଗଲର ନିୟନ୍ତ୍ରଣ, ପରିଚାଳନା ଓ ସୁରକ୍ଷାର ଦାୟିତ୍ୱ ନ୍ୟସ୍ତ କରାଯିବ । ଗ୍ରାମର ସୀମା ବାହାରେ ଥିବା ଜଂଗଲର କେଉଁ ଅଂଶ ଉକ୍ତ ଗ୍ରାମଗୋଷ୍ଠୀର ନିୟନ୍ତ୍ରଣ ପରିସରଭୁକ୍ତ ହେବ, ତାହା ଆଖପାଖ ଗ୍ରାମର ଅବସ୍ଥିତି ଓ ଅନ୍ୟାନ୍ୟ ଦିଗ ବିଚାର କରି ସ୍ଥିର କରାଯିବ । ଏଥିପାଇଁ କଥିତ ଜଂଗଲ ଅଂଚଳର ସୀମା ନିର୍ଦ୍ଦିଷ୍ଟ ଭାବରେ ଚିହ୍ନିତ ହେବ ଓ ଉକ୍ତ ଜଂଗଲକୁ ସେହି ଗ୍ରାମର (Village Forest) ରୂପେ ଘୋଷଣା କରାଯିବ । ଏହି ସୀମା ଚିହ୍ନଟ କାର୍ଯ୍ୟ ଔପଚାରିକ ଭାବରେ ସ୍ଥାନୀୟ ବନଖଣ୍ଡ ଅଧିକାରୀ, ଉପଜିଲ୍ଲାପାଳ ଓ ତହସିଲଦାରମାନଙ୍କ ଦ୍ୱାରା ମିଳିତ ତଦନ୍ତ ଭିତ୍ତିରେ ସଂପାଦିତ ହେବ ।

(ଖ) Village Forest ଭାବରେ ଘୋଷିତ ହୋଇଥିବା କୌଣସି ଜଂଗଲର ବ୍ୟବହାର ଓ ପରିଚାଳନା ନିମନ୍ତେ ସ୍ଥାନୀୟ ଗ୍ରାମଗୋଷ୍ଠୀର ପ୍ରାଥମିକ ଅଧିକାର ରହିବ । ଏଥିପାଇଁ ଗ୍ରାମଗୋଷ୍ଠୀ ଦ୍ୱାରା ହିଁ ଗୋଟିଏ ପରିଚଳନା ଯୋଜନା ପ୍ରସ୍ତୁତ କରାଯିବ ଓ ତାହା ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହେବ । ଜଂଗଲର ସୁରକ୍ଷା ଓ ସୁପରିଚାଳନାର ଦାୟିତ୍ୱ ନେବା ସହିତ ଗ୍ରାମଗୋଷ୍ଠୀ ସେହି ଜଂଗଲ ଉପରେ ନିୟନ୍ତ୍ରଣ ଓ କର୍ତ୍ତୃତ୍ୱ ପାଇବେ ।

(ଗ) ଗ୍ରାମଗୋଷ୍ଠୀର ସଦସ୍ୟ ପରିବାରମାନେ ନିଜ ବ୍ୟବହାର ପାଇଁ ଜଂଗଲରୁ ମିଳିପାରୁଥିବା କାଠ, ବାଉଁଶ ଆଦି ବିନା ମାହାସୁଲରେ ସଂଗ୍ରହ କରି ପାରିବେ । ଏପରି ସଂଗ୍ରହ କରିବା ଗ୍ରାମଗୋଷ୍ଠୀର କର୍ତ୍ତୃତ୍ୱ ଭିତରେ ରହିବ । ଜଂଗଲର ଅବସ୍ଥାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ନିୟମ ଓ ପରିଚାଳନା ପଦ୍ଧତି ଅନୁସାରେ ଗ୍ରାମଗୋଷ୍ଠୀ ଏପରି ଅନୁମତି ଦେଇପାରିବେ ।

(ଘ) ଅଣକାଷ୍ଠ-ଜାତୀୟ ଜଂଗଲଜାତ ସାମଗ୍ରୀ ସଂଗ୍ରହ କରି ତାହାକୁ ଗଚ୍ଛିତ ରଖିବା ଓ ସେଥିରୁ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରିବାର ପୂର୍ଣ୍ଣ ଅଧିକାର ଗ୍ରାମଗୋଷ୍ଠୀ ସଦସ୍ୟମାନଙ୍କର ରହିବ । ତେବେ ଏହି ସବୁ ସାମଗ୍ରୀକୁ ନିର୍ଦ୍ଧାରିତ ମୂଲ୍ୟ ବଦଳରେ କେବଳ ନିର୍ଦ୍ଦିଷ୍ଟ ସରକାରୀ ସଂଗ୍ରାହକ, ପ୍ରତିନିଧି ବା ପଟ୍ଟାଦାରଂଙ୍କୁ ହସ୍ତାନ୍ତର କରିବାକୁ ହେବ ।

*ଆଦେଶ :* ଏହି ସଂକଳ୍ପ ଗେଜେଟର Extraordinary ସଂସ୍କରଣରେ ପ୍ରକାଶିତ ହେବ ।

ରାଜ୍ୟପାଳଂକ ଆଦେଶକ୍ରମେ
ରବୀଂଦ୍ର ମୋହନ ସେନାପତି
ପ୍ରମୁଖ ଶାସନ ସଚିବ